ଯୁଧିଷ୍ଠିରଙ୍କ ଜନ୍ମ
ପଣ୍ଡୁ ତିଆରିଲେ ଶୁଣିଲଟିକି ପୁରାଣେ
ଦୁତୀ ବ୍ରହ୍ମା କହିଲେ ଶାହାସ୍ର ପରମାଣେ । ୧ ।
କୋଇନ୍ତାୟେ ବୋଇଲେ ଦେବ କହିଲେ ଅଗସ୍ତି
ତାହାଙ୍କର ବଚନେ ଯେହ୍ନେ ହୋଇବ ଫଳଶ୍ରୁତି । ୨ ।
ପଣ୍ଡୁ ବୋଇଲେ ଆବର ବିଳମ୍ବ ନ କର
ଦେଖିବି ନନ୍ଦନ ଗୋ ସଂପ୍ରତେ ହୋଇବ ମନର । ୩ ।
କୋଇନ୍ତାୟେ ବୋଇଲେ ଆମ୍ଭେ ବୁଝିବାକ ଭଲ ତିଥି
ଇଛାୟେ ଯେବେ କରାଇବା ପୁତ୍ର ଉତପତ୍ତି । ୪ ।
ବିଚାର କରନ୍ତି ଯେ ଶତଶିଂଗ ପର୍ବତେ
ପଣ୍ଡୁ ଅନ୍ଧାରି ବିଜେ କରି ପଶିଲେ ବନସ୍ତେ । ୫ ।
ଯତନେଣ ଭାରିଯାନ୍ତ ଛାଡଇ ରାତ୍ରକାଳେ ରାୟେ
ଯେମନ୍ତେ ପାରନ୍ତୁ ସେ ଉପୁଜାନ୍ତୁ ତନୟେ । ୬ ।
ୟେମନ୍ତେଣ ମନେ ବିଚାରି ପଣ୍ଡୁ ବୁଲନ୍ତି ଘୋର ବନେ
କରନ୍ତି ବେଣ୍ଟ ମୃଗୟା ସେ ଗହନ ଅରଣ୍ୟେ । ୭ ।
ବଇଶାଖ ଶୁକଳପକ୍ଷ ପ୍ରତିପଦା ଚନ୍ଦ୍ରବାର
ଦ୍ୱିଜା ମେଷ ରାଶିକି ଭୋଗ ସେ ଦିନର । ୮ ।
ତୈତିଲ୍ୟ ନାମେ କରଣ ପ୍ରୀତି ନାମେ ଯୋଗ
ମେଷ ସଂକ୍ରାନ୍ତିକି ଊଣାଇଶ ଦିନ ଭୋଗ । ୯ । horoscope
ସଂପୂର୍ଣ୍ଣ ହୋଇ ଅଛଇ ସାତ ଘଡି ରାତି
ମଦନାକୁ ବସାଇ ଭାଳନ୍ତି ଦେବୀ କୋନ୍ତୀ । ୧୦ ।
ଅଗସ୍ତିଙ୍କ ବଚନେ କୁଶ ଶେଜ୍ୟା ଗୋଟିଏ କଲେ
ଝୀନ ବସ୍ତ୍ର ଗୋଟିୟେ ଉପରେ ଘୋଡାଇଲେ । ୧୧ ।
ଶଉଚ ଭାବ ହୋଇଣ ଦେବୀ ବେଶ ବେଶନ ହୋଇ
ପୁଷ୍ପ ପାଖୁଡା ଗୁଡା ଉପରେଣ କର୍ପୂର ଗୁଣ୍ଡିକି ଉଛାଇ । ୧୨ ।
ଦୁର୍ଭାସାଙ୍କ ଜପାମାଳୀ ଘେନିଲେ ଦେବୀ ହସ୍ତେ
ଭୋ ଧର୍ମ ଦେବତା ବୋଲି ସୁମରିଲେ ହୃଦଗତେ । ୧୩ ।
ନିଜ ପତିର ତୁଲେ ଗୋ ନୋହିଲାକ ରତି
ୟେହା ସେ ଅରଜିଲୁ ଆମ୍ଭେ ହୀନ ଯେ ଯୁବତୀ । ୧୪ ।
ୟେ କଷଣୁ ସ୍ୱାମୀ ଧର୍ମ ଦେବ କର ପାରି
ଧର୍ମ ଧର୍ମ ସୁମରଇ ଦେବୀ ଭୋଜର କୁମାରୀ । ୧୫ ।
ଆସନ କ-ିଲା ସ୍ୱାମୀ ନିରଞ୍ଜନ ପୁରୁଷ
ଶୁକ୍ଳାମ୍ବର ପୁରୁଷ ଆସି ହୋଇଲେ ବେଗେ ଦୃଶ୍ୟ । ୧୬ ।

-------------

୪ ।୧ ପଣ୍ଡୁରାୟେ ବୋଇଲେ ତୁମ୍ଭେ ଶୁଣିଲଟିକି ସତୀ ।
୧୨ ଅଶଉଚ ଭାବ ଛାଡି ବେଶ ବେଶନ ହୋଇ ।
ଶଉଚ ଭାବ ହୋଇଣ ସେ ବସନ ସାଚା ହୋଇ ।
୧୨ ।୨ ପୁଷ୍ପ ପାଖୁଡା ଉପରେକ କର୍ପୂର ଗୁଣ୍ଡିକି ବିଛାଇ ।
୧୬ ।୧ ଆସନ କଂପିଲା ଦେବୀ ଶୂନ୍ୟ ପୁରୁଷ ।

କୁଶ ଶଯ୍ୟା ଯୁଗତେ ଆସି ବିଜୟେ ଧର୍ମ ନିରଞ୍ଜନ
ଦେଖିଣ କୋଇନ୍ତାୟେ ବିନୟ ଭଗତି ମାନ । ୧୭ ।
ବାବୁ ଦୁର୍ଭାସା ମହରଷିର ମନ୍ତ୍ର ପରସାଦେ
କୋଇନ୍ତାକୁ ଦୃଶ୍ୟ ହୋଇଲା ମନୁଷ୍ୟ ପ୍ରାୟେ ହାଦେ । ୧୮ ।
ଅନେକ ପୂଜା କରନ୍ତି ଦେବୀ ଯେ କୋଇନ୍ତା

ଦେଖିଣ ପରମ ସାନନ୍ଦ ସେ ଧର୍ମ ଦେବତା । ୧୯ ।
ଦେଖିଣ କୋଇନ୍ତାୟେ ହୋଇଲେ ଧୀରମତି
ଶୂନ୍ୟ ପୁରୁଷ ତୁଲେ ବଢାଇଲେ ଅନେକ ପୀରତି । ୨୦ ।
ଶୃଙ୍ଗାର ପରିତୋଷେ ଅକ୍ଷୟ ନିରଞ୍ଜନ
ତେଜିଲେ ବୀର୍ଯ୍ୟ ସେ ସମ୍ପୂର୍ବେ ବିଦ୍ୟମାନ । ୨୧ ।
ଅମୃତ ଯୋଗେ ଅଢାଇ ପ୍ରହର ରାତି
ସଇନ୍ଦୁ ପୁତ୍ରେକ ଯେ ହୋଇଲା ଉତପତ୍ତି । ୨୨ ।
ଶୁକ୍ଳାମ୍ବର ଶରୀର ଆଦିତ୍ୟ ତେଜ ଜାଣି
ନିକଳଙ୍କେ ଉତପତ୍ତି ସେ ଜାଣି ନିଶାମଣି । ୨୩ ।
ଆକାଶ ଭୁବନେ ବିକାଶିଲା ଯେ ଜ୍ୟୋତି
ପୁତ୍ରକଇ କୋଳେ ଧଇଲେ ଦେବୀ କୋନ୍ତୀ । ୨୪ ।
ସୁନ୍ଦର ନିର୍ମଳ ନିକଳଙ୍କ କାୟେ
ସୁକୁମାର ଶରୀର ଦିଶଇ ଶୁଦ୍ଧ ସଷ୍ଟିକର ପ୍ରାୟେ । ୨୫ । ସ୍ଫଟିକ?
ଶ୍ରୀଖଣ୍ଡ କପାଳ ଯେ ଅମୂଲ୍ୟ ରେଖ ପାଟି
ତିଳ କୁସୁମ ନାସିକା ରକ୍ତ କୁମୁଦ ଦୃଷ୍ଟି । ୨୬ ।
ଲଳିତ ଶ୍ରବଣ ଯେ ପକ୍କୁଂ ବିମ୍ବ ଓଷ୍ଠ ପକ୍କୁଂ=ପକ୍ୱ
ବଳିଣ ବେନି ବାହୁ ଗଣ୍ଡସ୍ଥଳ ମୋଟ । ୨୭ ।
କନକ ମୃଣାଳ ବେନି ଯେ ବାହୁଟି
ସଂପୂର୍ଣ୍ଣ ଚନ୍ଦ୍ର ବଦନ କମଳ ମୁଖ ଗୋଟି । ୨୮ ।
-----------------
୨୧ ।୧ ଶୃଙ୍ଗାର ସାରି ତୋଷେ ଅକ୍ଷୟ ନିରଞ୍ଜନ ।
୨୩ ।୨ ଯେସନେକ ଉଦେ ହୁଅନ୍ତି ନିଶାମଣି ।
୨୬ ।୧ ଶ୍ରୀଖଣ୍ଡ କପାଳ, ଶ୍ରୀଖଣ୍ଡ-ଚନ୍ଦନ, ତତ୍‌ସଦୃଶ ଶୁକ୍ଳବର୍ଣ୍ଣ କପାଳ ।

ଅଭୟେ ଆକର୍ଷଣ ବିକ୍ଷସ୍ଥଳ ଯେ ବିରାଜି
କନକ କନ୍ଧ ବୃକ୍ଷ ଗଜରିପୁ ମଝା ବୁଝି । ୨୯ ।
ପ୍ରଲମ୍ବ ବାହୁ ଜାନୁ କମଳ ସୁସଞ୍ଚ
ନୋହଇ ସଂକୀର୍ଣ୍ଣ ସେ ନୋହଇ ପ୍ରଲମ୍ବ ଉଞ୍ଚ । ୩୦ ।
ଆରକ୍ତ କୁସୁମ ଜାଣି ବେନି କରସ୍ଥଳୀ
ନିକଣ୍ଟେକ ଫୁଟେକ ଚ - କ ଜାଣି ଶୋଭିତ ଅଙ୍ଗୁଳୀ । ୩୧ ।
ବିଘଂସିତ ଦଶନହ କୁନ୍ଦ ପାଖୁଡା ପ୍ରାୟେ ଜାଣି
ପୃଥୀକି ଅଳଙ୍କାର ପ୍ରାୟେ ଦିଶଇ ଆଜାନୁ ବେନି ପାଣି । ୩୨ ।
ବିକ୍ରମ ସିଂହ ଶୋଭା ଦିଶଇ ବେନି ଜାନୁ ଠାଣି
ବେନି ପାଦ କାନ୍ତି ରକତ କୁମୁଦ ଜାଣି । ୩୩ ।
ପୋୟେଳା ରେଖ ଯେହ୍ନେ ପାଦ ଦଶ ଅଙ୍ଗୁଷ୍ଠି
ସେବତୀ ପାଖୁଡା ଜାଣି ଦଶନହ ଫୁଟି । ୩୪ ।
ବେନି ପାଦ ସ୍ଥଳୀ ବିରାଜିତ ପଦ୍ମ ଚିହ୍ନ
ଶଙ୍ଖ ମତ୍ସ୍ୟ ଚିହ୍ନ ବେନି କରସ୍ଥଳେ ଗୋପ୍ୟାନ । ୩୫ ।
ଶରଦ ଆଦିତ୍ୟ ପ୍ରାୟେ ଘଟଣ ଯାହାର ତନୁ
ଯେ ସେ ମହାତ୍ମା ଭେଦିଲା ଶୂନ୍ୟ ଆସନୁଂ । ୩୬ ।
ମୁକତି ଗତି ପୁରୁଷ ସେ ଦ୍ୱାପର ଯୁଗକୁ
ପ୍ରତକ୍ଷେ ନିରଞ୍ଜନ ଜାତ କଲେ କାଳଦର୍ପ ଧଂସିବାକୁ । ୩୭ ।
ଉଦୟେ ଚନ୍ଦ୍ର ଯେହ୍ନେ ନିକଳଙ୍କ ସୂର୍ଯ୍ୟମଣି
ଲଲାଟେ ଶୂନ୍ୟ ପୁରୁଷ ଖଞ୍ଜିଲେ ତାହା ଆଣି । ୩୮ ।
---------------

୩୧ ।୧  ଅଫୁଟିତ ଚ-। ଜାଣି ଦିଶଇ ଅଙ୍ଗୁଳି ।
୩୫ ।୨  ଶଙ୍ଖ ଚକ୍ର ଚିହ୍ନ, ଶଙ୍ଖ ପଦ୍ମ ଚିହ୍ନ ।
୩୮ ।୧  ଉଦୟ ପ୍ରାୟେ ଶୋଭା ନିଷ୍କଳଙ୍କ ସୂର୍ଯ୍ୟ ଜାଣି
ଉଦୟେ ପାକ ସ୍ୱଭାବ ନିଷ୍କଳଙ୍କ ସୂର୍ଯ୍ୟ ଜାଣି ।
ଉଦୟେ ପ୍ରାୟେ ପାବକ ସୁଦ୍ଧ ଯେ ସୂର୍ଯ୍ୟମଣି
ଅମୃତାକ୍ଷ ରତ୍ନ ଯେ ଅଟଇ ସୂର୍ଯ୍ୟମଣି ।
୨୯ ।୧  ଆକର୍ଷଣ-ବଳପ୍ରକାଶକ
୨୯ ।୨  କନକ କଳ୍ପବୃକ୍ଷ-ସୁବର୍ଣ୍ଣ କଳ୍ପଲତା-ଇଛାପ୍ରଦ ବୃକ୍ଷ, ସୁବର୍ଣ୍ଣ ବାଞ୍ଛାତରୁ
୩୨ ।୧  ବିଘଂସିତ-ବିକସିତ
୩୪ ।୧  ପୋୟେଳା-ପ୍ରବାଳ  ୩୪ ।୨  ନହ-ନଖ

ହୃଦୟେ ଭୂଷଣ ତାର କଣୟ ପୁଷ୍ପମାଳ
ଶଉଚବନ୍ତ ପୁଷ୍ପ ସ୍ଥାପିଲେ ଗଣ୍ଡସ୍ଥଳ । ୩୯ ।
ସଦୟେ ଶୋଭାବନ ସତ୍ୟ ପଞ୍ଚମୁଦ୍ରା
ପାପ ଆତ୍ମା ଛଡାଇଲେ ସେ ଅନାଦି ବ୍ରହ୍ମସିଦ୍ଧା । ୪୦ ।
ଭୂତ ଭବିଷ୍ୟ ଜାଣିମା ହୃଦଗତେ
ଦିବ୍ୟଚକ୍ଷୁ ପରାପତ କରାଇଲେ ସେ ନିରଞ୍ଜନ ଦଇବତେ । ୪୧ ।
ପୁତ୍ର କୋଳେ ଧରି ବଦୟନ୍ତି କରତା
ଯେ ମଧ୍ୟ ଭୁବନେ ହେବୁ ତୁହି ସେ ଧର୍ମ ଦେବତା । ୪୨ ।
ଯେ ମଞ୍ଚ ସ୍ୱର୍ଗେଣ ଦେବତାୟେ ହୋଉ ଯଦ୍ୟପି ଉତପତ୍ତି
ସମସ୍ତେ ହେଂ ତୋହୋର ଦାସ ତୁ ସବୁଙ୍କରି ଆଧିପତି । ୪୩ ।
ନାରାୟଣ ଉତପତ୍ତି ହୋଇବେ ମଞ୍ଚପୁରେ
ସେ ହରି ଆରାଧନା କରିବେ ତୋହୋର ପୟରେ । ୪୪ ।
କୋଟି ତୀର୍ଥ ସ୍ନାନେଣ ବାବୁ ଯେତେ ଫଳ ଶ୍ରୁତି
ତବ ନାମ ସୁମରନ୍ତେ ସଂସାର ଜନେ ପାବନ୍ତୁ ସଦଗତି । ୪୫ ।
ଦ୍ରଶନେ ଲଭନ୍ତୁ କୋଟିୟେ ଅଶ୍ୱମେଧ ଯଗ୍ୟ ଫଳ
ଯେ ମଧ୍ୟ ଭୁବନକୁ ବାବୁ ତୁହି ସେ ଧର୍ମ ଦିଗପାଳ । ୪୬ । ସଂଖ୍ୟା
ଅନୁବ୍ରତେ ଧର୍ମବ୍ରତ ଯେ ତୋହୋର ଇଚ୍ଛା
ଯେବେ ଯେ ସୃଷ୍ଟି ବାବୁ ଧର୍ମେ କର ରକ୍ଷା । ୪୭ ।
ଯେସନେକ ବର ଦେଇ ସ୍ୱାମୀ ନିରଜଂନ
ଶୂନ୍ୟେଣ ମହାତମା ଯେ ହୋଇଲେ ଅନ୍ତର୍ଧାନ । ୪୮ ।
ପୁତ୍ରକୁ କୋଳେ ଧରି ବସିଛନ୍ତି ଦେବୀ କୋନ୍ତା
ମାଦ୍ରୀ ଆରୋପଣ କଲେ ଅଗ୍ନି ଯେ ଦେବତା । ୪୯ ।
ଧର୍ମ ସୁମରି କରି ପୁତ୍ର ଦିଲା ରାବ
ବିଜୟକେତନ ପର୍ବତେ ଥାଇ ଶୁଣିଲେ ପଣ୍ଡୁ ରାଜଦେବ । ୫୦ ।

-------------

୩୯  ହୃଦରେ ଭୂଷଣ ତାରକ ବ୍ରହ୍ମଗ୍ୟାଂନ
ଶୌଚ ଧର୍ମ ସ୍ଥାପିଲା ପ୍ରଭୁ ନିରଜଂନ ।
୪୮ ।୨  ଅନ୍ତର୍ଧାନ-ଅନ୍ତର୍ଦ୍ଧାନ

ଚତୁର୍ଦ୍ଦଶ ଘଡି ଆସି ହୋଇଅଛି ରାତି
ଶ୍ରୀହସ୍ତେ ଧନୁ ଧରି ଆସି ମିଳିଲେ ପଣ୍ଡୁ ଯେ ନୃପତି । ୫୧ ।
ପର୍ବତ ତଳେ ବିଜୟେ ଅମ୍ବାଳିକା ତନୟେ
ଅନ୍ଧାର ଭେଦି ପର୍ବତ ଦିଶୁଅଛି ଦିବସର ପ୍ରାୟେ । ୫୨ ।
ଗିରିବର ଶିଖରେ ଯାଇ ଉଠିଲେ ନୃପମଣି

ପାଷାଣ ଝଡୁ ଅଛି ପୁତ୍ରର ରାବ ଶୁଣି । ୫୩ ।
ସ୍ୱର୍ଗ ତେଜି ଚନ୍ଦ୍ର ଦେବତା କି ପର୍ବତେ ଉଦୟେ
ରାତ୍ରକାଳେ ପର୍ବତ ଦିଶଇ ଶୁକ୍ଳାମ୍ବର ପ୍ରାୟେ । ୫୪ ।
ହରଷେ ପଣ୍ଡୁରାଜା ବିଜେ କଲେ ସନ୍ନିଧାନେ
ସାନନ୍ଦେ ଅଶ୍ରୁଜଳ ବହଇ ବେନି ଯେ ନୟନେ । ୫୫ ।
ପୁତ୍ରକଇ ଦେଖଇ ରାଜା ଅନେକ ହରଷେ
ମାଦ୍ରୀ ବୋଇଲେ ଦେବ ନୁ ଆସ ପୁତ୍ରପାଶେ । ୫୬ ।
ଗଣ୍ଡମୂଳ ଦୋଷ ଜାଣିମା ତଥ୍ୟ କରି Yudhisthira's ganda dosh
ଶୁଣିଣ ହସିଲେ ସେ ପଣ୍ଡୁ ଦଣ୍ଡଧାରୀ । ୫୭ ।
କୁନ୍ତଭୋଜର ନନ୍ଦନୀ ଆଦି ଯେ ଅପର୍ଣ୍ଣା
ୟେ ଦୋଷରୁ ଉଦ୍ଧାରିବାକୁ ସେ ପରମ ପଣ୍ଡିତ ସିନା । ୫୮ ।
ବ୍ରାହ୍ମଣ ରୂପ ଧରି ଦେବଗୁରୁ ବୃହସ୍ପତି
ଶ୍ରୀହସ୍ତେ ଧରିଛନ୍ତି ସେ ସପତାଙ୍ଗ ପୋଥି । ୫୯ ।
ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
ସୋମ ବଂଶେଣ ପଣ୍ଡୁରାଜା ଧର୍ମେ ଜାତ ତନୁ । ୬୦ ।
ମେଷମାସ ଶୁକଳ ପକ୍ଷ ପ୍ରତିପଦାର ତିଥି
ଚନ୍ଦ୍ରବାର ଭୋଗ ଅଢାଇ ପ୍ରହର ରାତି । ୬୧ ।
ତୈତିଳ ନାମେ କରଣ ପ୍ରୀତି ନାମ ଯୋଗ
ଦ୍ୱିଜା ନକ୍ଷତ୍ରର ସତାଇଶ ଦଣ୍ଡ ଭୋଗ । ୬୨ ।
ମେଷ ରାଶିକୁ ଯେ ନାହିଂ ପାପ ଗ୍ରହଦୋଷ
ମେଷ ରାଶିରେ ଯେ ସୂର୍ଯ୍ୟ କରିଛନ୍ତି ବାସ । ୬୩ ।
ମଙ୍ଗଳ କ୍ଷେତ୍ରୀ ହୋଇଣ ଉପୁଜିଲା ବଳା
ମିତ୍ର ଘରେ ରହି ଚନ୍ଦ୍ର ହୋଇଅଛି ମେଳା । ୬୪ ।
------------
୫୪ ।୧ ସ୍ୱର୍ଗ ତେଜି ଇନ୍ଦ୍ର ଦେବତା କି ପର୍ବତେ ଉଦୟେ ।

ଚଉଧର୍ମ ନାମ କାଳ ଅମୃତ ଘରେଣ ସ୍ଥିତି
ଈଶାନ୍ୟେଣ ଯୋଗିନୀ ଯେ ମହାଲକ୍ଷ୍ମୀ ମୂର୍ତ୍ତି । ୬୫ ।
ମାହେନ୍ଦ୍ର ଯୋଗ ଘେନିଣ ସେ ଉତପତ୍ତି ନନ୍ଦନ
ବୃହସ୍ପତିଙ୍କର ବଚନେ ସେ ସାନନ୍ଦ ପଣ୍ଡୁରାଜନ । ୬୬ ।horoscope
ସୁବର୍ଣ୍ଣଥାଳୀରେ ପଞ୍ଚରତ୍ନ ଘେନି ରାୟେ
ଗୁଆ ଘୃତ ପୂରୋଇ ଅଷ୍ଟ ରତ୍ନେ ଦୀପ ଯେ ଗୋଟିଏ । ୬୭ ।
ପଞ୍ଚ ମାଣିକ୍ୟ ଘେନି ଅର୍ଘ୍ୟ ସେ ଯୋଗାଡି
ଥିର ଲଗ୍ନେ ପୁତ୍ର ଦେଖିତେ ବିଜୟେ ଦଣ୍ଡଧାରୀ । ୬୮ ।
ବୃହସ୍ପତି ବୋଇଲେ ୟେଥି ପାପଦୋଷ ଗଣ୍ଡଯୋଗ ନାହିଂ
ଲଭସି କୋଟିୟେ ପୁଣ୍ୟ ୟେ ପୁତ୍ର ମୁଖ ଚାହିଂ । ୬୯ ।
ପଣ୍ଡିତଙ୍କର ବଚନେ ସାନନ୍ଦ ମହାରାଜା
ଜନ୍ମର ମନ୍ଦିରେ ପଶି ଦେଖଇ ଆତ୍ମଜା । ୭୦ ।
ଅର୍ଘ୍ୟ ନେଇଣ ରାଜନ ଜୟେ ଧ୍ୱନି ତୋଳି
ଶୂନ୍ୟେ ଦେବସ୍ତିରୀ ମାନେ ଦିଅନ୍ତି ହୁଳହୁଳି । ୭୧ ।
ଦେଖିଲେକ ପଣ୍ଡୁରାଜା ପୁତ୍ରର ବଦନ
ଆକାଶରୁ ଅଦଭୁତେ ପୁଷ୍ପ ବୃଷ୍ଟିକଲା ମଘବାନ । ୭୨ ।
ସାଧୁ ସାଧୁ ବୋଲି ଧ୍ୱନି ଶୁଭିଲା ଗୋଟିୟେ
ଗଗନୁଂ ପୁଷ୍ପ ବୃଷ୍ଟି କଲେକ ଦେବତାୟେ । ୭୩ ।
ପୁତ୍ରକଇ ଦେଖି ରାୟେ ଅନେକ ଉଷତ

ବୁଡିଲାର ବଂଶ ମୋର ଧର୍ମେଣ ଉଦିତ । ୭୪ ।
ସାଧୁ ସାଧୁ କୋଇନ୍ତାୟେ ଗୋ ଜୀବନ ତୋହୋର
ଦୁର୍ବାସାଙ୍କର ମନ୍ତ୍ର ସେ ମୋତେ ହୋଇଲା ଉପଗାର । ୭୫ ।
କେବଣ କ୍ଷଣକେ ଭଗତି ହୋଇ ତୋଷିଲୁ ମହରଷି
ତୋହୋର ପ୍ରସନ୍ନେ ଗୋ ମୁଂ ହୋଇଲି ସ୍ୱର୍ଗବାସୀ । ୭୬ ।
ଅନେକ ପୁରସରି ବୋଲନ୍ତି ପଣ୍ଡୁରାୟେ
ତୋହୋର ସେ ପୁଣ୍ୟ ନା ବୋଲନ୍ତି କୋଇନ୍ତାୟେ । ୭୭ ।

---------

୭୫ ।୧ ଚଉଧର୍ମ ବେଳକାଳ ଅମୃତାକ୍ଷେଣ ସ୍ଥିତି ।
୭୭ ।୧ ସୁବର୍ଣ୍ଣ ସ୍ଥାଳୀରେ ପଞ୍ଚ ମାଣିକ୍ୟ ପୂରୋଇ ରାୟେ ।
୭୦ ।୧ ଦେବଗୁରୁ ବଚନେ ସାନନ୍ଦ ପଣ୍ଡୁରାଜା ।

ପଣ୍ଡୁ ପ୍ରତିବାଚ ଶୁଣ କୁନ୍ତ ଭୋଜର ଦୋହିତା
ପୁତ୍ର ଗୋଟିକର ନାମ ଦେସି ସଂସାର ଜନହିତା । ୭୮ ।
କୋଇନ୍ତାୟେ ନାମ ତୋଳନ୍ତି କରେ ଘେନିଣ ଅର୍ଘ୍ୟଗୋଟି
ୟେ ପୁତ୍ର ନାମ ମୋର ହୋଇବ ଯୁଝେଷ୍ଠି । ୭୯ ।
ଅନେକ ସାନନ୍ଦ ଯେ ମଙ୍ଗଳ ଧ୍ୱନି ତୋଳି
ଯୁଝେଷ୍ଠି ନାମ ଗୋଟି ସଂସାର ହିତକାରୀ । ୮୦ ।
ପୁତ୍ର ଉଦିତ ଉତ୍ସବ କରାଇଲେ ନୃପମଣି
ପୂଜନ୍ତି ମଙ୍ଗଳା ଦିଉଛି ଗୋସାମଣୀ । ୮୧ ।
ପୁତ୍ର ପ୍ରତିପାଳିଲେ ପଣ୍ଡୁ ଯେ ନୃପତି
ଶତଶିଂଗ ପର୍ବତେ ରାଜା ଅନୁବ୍ରତେ ଥାନ୍ତି । ୮୨ ।
ରାତ୍ରେଣ ଭ୍ରମଇ ସେ ପଞ୍ଚୁ କଟକ ପୁରୀ
ଦେଖିଲେ ନାଶ କରଇ ଦୁର୍ବାର ଦୁଷ୍ଟ ଅଇରି । ୮୩ ।
ଦେଶାଉର ବାରତା କହିଲେ ହସ୍ତିନା ଭୁବନେ
ପଣ୍ଡୁରାଜାର ପୁତ୍ର ଉତପତ୍ତି ଦେବ ହୋଇଲା ବିଦ୍ୟମାନେ । ୮୪ ।
ଶୁଣିଣ ସାନନ୍ଦ ସେ ଅମ୍ବିକାର ସୁତ
ଉଛବ କରାଇଲା ରାଜା ପଞ୍ଚୁ ଯେ ପ୍ରଶସ୍ତ । ୮୫ ।
ସନ୍ତତି ଉଛବ ବୋଲିଣ ରାଜା ନଗ୍ରେଣ ଘୋଷଣ
ଅନେକ ଦାନ ଦିଅଇ ନୃପତି କୁରୁରାଣ । ୮୬ ।

-----------

୭୯ କୋଇନ୍ତାୟେ ନାମ ତୋଳନ୍ତି କରେ ଅର୍ଘ୍ୟ ଘେନି
ଯୁଝେଷ୍ଠି ନାମ ଦିଲେ କୋନ୍ତଭୋଜର ନନ୍ଦିନୀ ।
୮୧ ।୧ ପୂଜନ୍ତି ସର୍ବମଙ୍ଗଳା ଦୁର୍ଗା ମହାମାରି ।
୮୩ ।୨ ନାଶ କରଇ ଦୁଷ୍ଟ ଦାନବ ଅଇରୀ ।
୮୪ ଦେଶାଉର ବାରତା କଲା ସେ ହସ୍ତିନା ନବରେ ।
ପଣ୍ଡୁର ପୁତ୍ର ଉପୁଜିଲା ଶତଶିଂଗ ପର୍ବତରେ ।
୮୧ ।୨ ମଙ୍ଗଳା ଦିଉଛି-ଷଠିଦିଉଛି-ଦୁର୍ଗାଙ୍କ ଷଷ୍ଠୀକଳା ଓ ସ୍କନ୍ଦଭାର୍ଯ୍ୟା-ଶିଶୁଙ୍କର ରକ୍ଷାକାରିଣୀ ।
୮୪ ।୧ ଦେଶାଉର-ତଗର

ସୁବର୍ଣ୍ଣ ରଥେକ ସାଜିଣ ଧୃତରାଷ୍ଟ
ଗାନ୍ଧାରୀର ସହିତେ ବିଜେ କଲେ କୁରୁରାଜ ଶ୍ରେଷ୍ଠ । ୮୭ ।
ଶାୟେନ୍ତନୁ ପାରେଶ୍ୱର ଭୀଷ୍ମ ଭୁରିସର୍ବା
ବିଦୁର ସମେତେ ଘେନି କୁରୁରାଜ ଦେବା । ୮୮ ।
ପଣ୍ଡୁର ପୁତ୍ର ଜନ୍ମ ଶୁଣି ବ୍ୟାସ ମହରଷି

ତୁଲେଣ ଅଛନ୍ତି ତାଙ୍କର ଷାଠିଏ ସହସ୍ର ଶିଷି । ୮୯ । ସଂ
ପ୍ରବେଶ ହେଲେ ମହାତମା ଶତଶିଂଗ ପରବତେ
ବଶିଷ୍ଠ ମାରକଣ୍ଡ ଦୁର୍ଭାସା ସମେତେ । ୯୦ ।
ପୌଲସ୍ତି ବିଶର୍ବା ଋଷି ସୁଦେବ ଅଗସ୍ତି
ଶତଶିଂଗ ପର୍ବତରେ ବିଜୟେ ତତକ୍ଷଣାନ୍ତି । ୯୧ ।
ବିଶ୍ୱାମିତ୍ର ଜନକ ଆବର ସୁମନ୍ତକ
ଦେବରଷି ବ୍ରହ୍ମରଷି ରାଜରଷି ବାଳଖିଲ୍ୟା ଯେ ଶୌନକ । ୯୨ ।
କୁନ୍ତଭୋଜ ରାଜା ସହିତେ ସାଜିଣ ସମଦଣ୍ଡ
ଅନେକ ସମୃର୍ବେ ବିଜୟେ ଶତଶିଂଗ ମଧ୍ୟଖଣ୍ଡ । ୯୩ ।
ଦେଖି ଋଷିଗଣମାନଙ୍କୁ ପଣ୍ଡୁ କଲେ ପାଦପୂଜା
ସମସ୍ତକଇଂ କୃଷ୍ଣାଞ୍ଜନ ଛାଲ ଦିଲେ ମହାରାଜା । ୯୪ ।
ଗଣ୍ଡାଜୀବ ମାରିଣ କରନ୍ତି ପିତୃ କାମ୍ୟଶ୍ରାଦ୍ଧ
ପୁତ୍ରକୁ ଆଶିଷ କରାଇ ରାଜାର ବହୁତ ସଧ । ୯୫ ।
ବନଫଳ କନ୍ଦମୂଳ ଋଷିଙ୍କି ଭୋଜନ
ୟେସନେକ ସମୃର୍ବ କରାଇ ରାଜନ । ୯୬ ।
ସମାର୍ଜନା କଲା ରାଜା ସମସ୍ତ ତପନିଷ୍ଠି
ଧୃତରାଷ୍ଟଙ୍କୁ ପଣ୍ଡୁରାୟେ ଆସଇ ପାଛୋଟି । ୯୭ ।
ଅନୁମାନ ପର୍ବତେ ଭେଟିଲେ ଧୃତରାଷ୍ଟେ
ପଣ୍ଡୁ ପ୍ରଣପତ୍ୟ ଯାଇଂ କୁରୁସାଇଂ ନିକଟେ । ୯୮ ।

------------

୮୮ ।୨ ସତ୍ୟବତୀ ସହିତେ କୁରୁରାଜ ଠାବ ।
୯୫ ।୨ ପୁତ୍ରକୁ ଆଣି ରାଜା ବିଜେ ସଭାମଧ୍ୟ ।
୯୮ ।୨ ପଣ୍ଡୁ ପ୍ରଣପତ୍ୟ ହୋଇଲାକ ପଦପୃଷ୍ଠେ ।
୯୪ ।୨ କୃଷ୍ଣାଞ୍ଜନ-କୃଷ୍ଣାଜିନ, କୃଷ୍ଣସାର ମୃଗଚର୍ମ ।

ବିଦୁର କହିଲେ ଯେ ଧୃତରାଷ୍ଟ ରାଜାକୁ
ପଣ୍ଡୁରାୟେ ଦ୍ରଶନ ହାଦେ ଆସି କଲେକ ତୁମ୍ଭଙ୍କୁ । ୯୯ ।
ଶୁଣିଣ କଲ୍ୟାଣ ବାଞ୍ଛା କଲେ ମହାରାୟେ
ଯାହା ବାଞ୍ଛା କଲୁ ପ୍ରାପତ ହୋଉ ତୋୟେ । ୧୦୦ ।
ସମଦଣ୍ଡ ଘେନିଣ ସେ ବିଜୟେ କୁରୁପତି
ପୁତ୍ର ଉଛବ କରାନ୍ତି ମହାତୋଷ ମତି । ୧୦୧ ।
ପୁତ୍ରକୁ କୋଳେ ଧରିଣ ସେ ଦେଖନ୍ତି ଗାନ୍ଧାରୀ
ଧୃତରାଷ୍ଟ କୋଳେ ପୁତ୍ର ଦିଲେ ତୋଳି କରି । ୧୦୨ ।
ପୁତ୍ରକୁ କୋଳେ ଧରି ସାନନ୍ଦ କୁରୁବଇଂ
ଶରୀର ଶୀତଳ ହୋଇଲା ହୃଦରେ ଲଗାଇ । ୧୦୩ ।
ଧନ୍ୟ ଧନ୍ୟ ସାଧବୀ ସେ ଭୋଜର କୁମାରୀ
ବଂଶ ଉଦ୍ଧାରିଲା ୟେ ବୁଦ୍ଧି ଉପାୟେ କରି । ୧୦୪ ।      clever to continue the dynasty
ସେ କୋନ୍ତ ଭୋଜ ନୃପତି ଯେ ଘେନିଣ ସଇନି
ଶତଶିଂଗ ପର୍ବତେ ପ୍ରବେଶ ସମଦଣ୍ଡ ଘେନି । ୧୦୫ ।
ଦୋହିତା ଜାମାତା ନାତି ଦେଖିଣ ସେ ରାଜା
ଅନେକ ଧନରତ୍ନ ଦେଇ ବହୁତ କଲା ପୂଜା । ୧୦୬ ।
କୋଇନ୍ତାଙ୍କ କୋଳେ ଯେ ପୁତ୍ରକୁ ବସାଇ
ସର୍ବ ଅଳଙ୍କାର ବେଶ ବେଶନ କରାଇ । ୧୦୭ ।
ଖିରି ଉଛବ ବନ୍ଦାପନା କରନ୍ତି ଶୁଭଯୋଗେ
ଜଗତ ଉଷତ ଉଲ୍ଲାସ ମଞ୍ଚପୁର ସ୍ୱର୍ଗେ । ୧୦୮ ।

ପାଞ୍ଚଦିନ ରହିଲେ ସେ ଶତଶିଂଗ ପର୍ବତେ
ଋଷିମାନେ କଲ୍ୟାଣ କରନ୍ତି ମହାମନ୍ତ୍ରେ । ୧୦୯ । ସଂଖ୍ୟା
ଧର୍ମ ବର୍ଦ୍ଧୁତ ହୋଉ ରେ ତୋହୋର ଯୁଝେଷ୍ଠି
ସ୍ୱର୍ଗରେ ବସୁ ଦିଗପାଳ ମେଳେ ଯେହି ଦେହଗୋଟି । ୧୧୦ ।
ୟେସନେକ ବାଞ୍ଛା କଲେକ ସକଳ ମହାଋଷି
ଶୁଣିଣ ପଣ୍ଡୁ ମହାରାଜା ମନେଣ ମହାତୋଷୀ । ୧୧୧ ।
-----------------
୧୦୪ ।୨ବଂଶ ଉଦିତ କଲା ପୁତ୍ର ଜାତ କରି ।
୧୦୦ ।୨ତୋୟେ-ତୁମ୍ଭଙ୍କୁ
୧୦୩ ।୧କୁରୁବଇଂ-କୁରୁପତି

ପଣ୍ଡୁକୁ କୋଳେ ଧରି ବଦୟନ୍ତି ଧୃତରାଷ୍ଟ୍ରେ
ରାଜ୍ୟକୁ ଚାଲ ବାବୁ ବନସ୍ତେ ପଡଇ ନିକି କଷ୍ଟେ । ୧୧୨ ।
ପଣ୍ଡୁ ବୋଲନ୍ତି ଭ୍ରାଥ ଶୁଣିମା ମୋହୋର ବାଣୀ
ୟେ ଶତଶିଂଗ ପର୍ବତ ଅଟଇ ଅମର ଭୁବନ ଜାଣି । ୧୧୩ ।
ୟେହାଉଂ ରାଜ୍ୟ ତୋର ନହୋଇ ବଡ ସୁସ୍ଥ
ୟେଥକୁ ନିକଟ ହାଦେ ଅଟଇ ସକଳ ତୀର୍ଥ । ୧୧୪ ।
ରାଜ୍ୟହିଂ ରଖିବି ତପୋବନ ହିଂ ରଖିବି
ତୁମ୍ଭ ଆଗ୍ୟାଂ ଘେନି ୟେହି ପର୍ବତରେ ଥିବି । ୧୧୫ ।
ତୁ କ୍ଷେମ ହୋଇ ସ୍ୱାମୀ ଥାଅସି କୁଶଳେ
ମୁହିଂ ରିପୁ ଧଂସଇ ତୋହୋର ବାହୁବଳେ । ୧୧୬ ।
ସନ୍ତାନକୁ ଇଛା ତୁ କର ନୃପମଣି
ଗାନ୍ଧାରୀକି ପୁତ୍ର ନାହିଂ ମୁଂ ବଶିଷ୍ଠଙ୍କ ତହୁଂ ଅଛି ଶୁଣି । ୧୧୭ ।
ୟେସନେକ ପ୍ରବୋଧି ସେ ପଣ୍ଡୁ ମହାରାଜା
ଧୃତରାଷ୍ଟ୍ର ନୃପତିକି ସେ କଲେ ପାଦ ପୂଜା । ୧୧୮ ।
ଅନେକ ସମ୍ଭର୍ବେଣ ଚଳଇ କୁରୁପତି
ବିଜୟେ ମହାରାଜା କୁଞ୍ଜଗଳ ଦେଶ ଚକ୍ରବର୍ତ୍ତୀ । ୧୧୯ ।
ଥୋକାୟେ ଦୂର ପଣ୍ଡୁ ଅଇଲେ ପାଛୋଟି
ବ୍ୟାସଙ୍କ ଚରଣେ କରଇ ପ୍ରଣପତ୍ୟ ଶିରଲୋଟି । ୧୨୦ ।
ବୁତନ୍ତେଣ ବଂଶ ସ୍ୱାମୀ ତୁହି ସେ କଲୁ ରକ୍ଷା
ୟେବେ ଯେମନ୍ତେ ଧୃତରାଷ୍ଟ୍ରଙ୍କର ସନ୍ତାନ ହୋଅଇ ସେ କଥା କର ବାଞ୍ଛା । ୧୨୧ ।
ତହୁଂ ଅନ୍ତର୍ଧାନେ ଗଲେ ସମସ୍ତ ମହାଋଷି
ବାହୁଡଇ ପଣ୍ଡୁ ରାଜା ଧୃତରାଷ୍ଟ୍ରଙ୍କୁ ନିବେଶି । ୧୨୨ ।
ଶତଶିଂଗ ପର୍ବତେ ରାଜା ହୋଇଲେ ପ୍ରବେଶ
କୁନ୍ତଭୋଜ ନୃପତି ଗଲେ ନିଜ ଦେଶ । ୧୨୩ ।
ରହିଲେ ପଣ୍ଡୁ ଯେ ଭାରିଯାନ୍ତ ଘେନି
ଧୃତରାଷ୍ଟ୍ର ତୁଲେ ହସ୍ତିନାକୁ ଗଲେ ବ୍ୟାସ ମହାମୁନି । ୧୨୪-୨୧୨୫ ।
-----------
୧୧୬ ।୨ମୁଂ ରିପୁ ଧଂସଇ ତୋହୋର ପୁଣ୍ୟବଳେ ।
୧୧୮ ୟେସନେକ କହି ଯେ ପଣ୍ଡୁ ମହାରାଜା
ଧୃତରାଷ୍ଟ୍ରଙ୍କ ଚରଣେ କଲେ ଦିବ୍ୟ ପୂଜା ।
୧୧୪ ।୧ୟେହାଉଂ-ଏହାଠାରୁ
୧୧୯ ।୧ସମ୍ଭର୍ବେଣ-ଆଡମ୍ବରେ

********************